# NATIONAL NEWS BULLETIN (ODIA)

**21 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହରେ ବିହାର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଟ୍ଟଗୋଳ ଯୋଗୁଁ ଲୋକସଭା ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ।

- ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ରାଜ୍ୟସଭାକୁ ମୁତଲବୀ ଘୋଷଣା କଲେ ଉପାଧ୍ୟକ୍ଷ ।

- ଇଣ୍ଡିମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ବି. ସୁଦର୍ଶନ ରେଡ୍ଡୀ ।

- ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳୀରେ ରଖିବା ସମ୍ପର୍କିତ ଦିଲ୍ଲୀ ପୌର ନିଗମର ବିଜ୍ଞପ୍ତି ବିରୋଧରେ ଆଗତ ମାମଲାର ତ୍ୱରିତ ଶୁଣାଣି କରିବାକୁ ମନାକଲେ ସୁପ୍ରିମକୋର୍ଟ ।

ଏବଂ

- ଏସିଆ କପ୍ ୨୦୨୫ ନିମନ୍ତେ ଭାରତୀୟ ପୁରୁଷ ଓ ମହିଳା ଦଳ ଘୋଷିତ ।

## ଏଲ୍ଏସ୍ – ସାଇନ୍‌ଡାଏ

ଲୋକସଭାକୁ ଆଜି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଗତ ଜୁଲାଇ ୨୧ ତାରିଖରେ ଲୋକସଭାର ମୌସୁମୀ

ଅଧିବେଶନ ଆରମ୍ଭ ହୋଇଥିଲା । ଆଜି ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ ଏହି ଅଧିବେଶନ କାଳରେ ୧୪ଟି ସରକାରୀ ବିଧେୟକ ଗୃହରେ ଉପସ୍ଥାପିତ ହୋଇଥିଲା । ଯେଉଁଥିରୁ ୧୨ଟି ବିଧେୟକକୁ ଗୃହର ମଞ୍ଜୁରୀ ମିଳିଛି । ଏହି ଅଧିବେଶନ କାଳରେ ଅପରେସନ ସିନ୍ଦୂର ସମ୍ପର୍କିତ ଦୁଇଦିନିଆ ସ୍ୱତନ୍ତ୍ର ଆଲୋଚନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହୋଇଥିଲେ । ବାଚସ୍ପତି ଗୃହକୁ ଜଣାଇଥିଲେ ଯେ ଭାରତର ମହାକାଶ ଅଭିଯାନ ସମ୍ପର୍କିତ ସଫଳତାକୁ ନେଇ ମଧ୍ୟ ଲୋକସଭାରେ ଆଲୋଚନା ହୋଇଥିଲା । ମୋଟ୍ ୪୧୯ଟି ତାରକା ଚିହ୍ନିତ ପ୍ରଶ୍ନକୁ ଏହି ଅଧିବେଶନ କାଳରେ ସାମିଲ କରାଯାଇଥିଲେ ମଧ୍ୟ ବିରୋଧୀ ସଦସ୍ୟମାନଙ୍କ ପୂର୍ବ ନିର୍ଦ୍ଧାରିତ ଯୋଜନା ମୁତାବକ ଗୃହକାର୍ଯ୍ୟ ଚଳାଇ ନଦେବାରୁ ମାତ୍ର ୫୫ଟି ପ୍ରଶ୍ନର ଉତ୍ତର ଦେବା ସମ୍ଭବ ହୋଇଥିଲା ।

**V/O (Om Birla)**

ଶ୍ରୀ ବିର୍ଲା ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ ଏହି ମୌସୁମୀ ଅଧିବେଶନ କାଳରେ ଲୋକସଭାର କାର୍ଯ୍ୟ ମାତ୍ର ୩୭ ଘଣ୍ଟା ପାଇଁ ଚାଲିପାରିଥିଲା ।

**V/O (Om Birla1)**

ବାଚସ୍ପତି କହିଥିଲେ ସଂସଦ ମଧ୍ୟରେ ବିରୋଧୀଙ୍କ ବ୍ୟବହାର ଆଦୌ ଗ୍ରହଣୀୟ ନଥିଲା । ସଂସଦୀୟ ଗାରିମା ରକ୍ଷାକରିବା ସମସ୍ତ ସଦସ୍ୟଙ୍କ କର୍ତ୍ତବ୍ୟ ବୋଲି ଶ୍ରୀ ବିର୍ଲା କହିଥିଲେ ।

**V/O (Om Birla2)**

ପୂର୍ବରୁ ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଉପରେ ଆଲୋଚନା ଦାବିକରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବାଚସ୍ପତି ଶ୍ରୀ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା ।

## ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ବିହାରରେ ଭୋଟର ତାଲିକା ସଂଶୋଧନ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ବିରୋଧୀ ଦଳ ଗୁଡ଼ିକର ପ୍ରବଳ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପୂର୍ବାହ୍ନ ୧୧ଟା ବେଳେ ରାଜ୍ୟସଭା ଆରମ୍ଭ ହେବା ମାତ୍ରେ ଉପସଭାପତି ହରିବଂଶ କହିଥିଲେ ଯେ ସେ ବିଭିନ୍ନ ପ୍ରସଙ୍ଗରେ ଭିନ୍ନ ଭିନ୍ନ ରାଜନୈତିକ ଦଳ ତରଫରୁ ୧୮ଟି ମୁଲତବୀ ନୋଟିସ ପାଇଛନ୍ତି । ମାତ୍ର ସେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ନୋଟିସଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହାପରେ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ଆରମ୍ଭ କରିଥିଲେ । ଶ୍ରୀ ହରିବଂଶ ଶୂନ୍ୟକାଳ ଚଳାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଏହା ସମ୍ଭବପର ହୋଇପାରିନଥିଲା । ହଟ୍ଟଗୋଳ ଜାରି ରହିବାରୁ ଉପସଭାପତି ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

**V/O (Hari Bans)**

# ସିସିପିଏ ଫଲ୍ସ ଆଡଭରଟାଇଜ୍‌ମେଣ୍ଟ

କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ-ସିସିପିଏ ଏକ ଘରୋଇ ବାଇକ୍ ଟ୍ୟାକ୍ସି କମ୍ପାନୀକୁ ଭ୍ରାମାତ୍ମକ ବିଜ୍ଞାପନ ଏବଂ ଅନୁଚିତ୍ ବାରିଜ୍ୟ ପାଇଁ ୧୦ଲକ୍ଷ ଟଙ୍କାର ଜୋରିମାନା ଦେବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସିସିପିଏ ଗ୍ରାହକମାନଙ୍କୁ ୫ ମିନିଟ୍‌ରେ ଅଟୋ କିମ୍ବା ୫୦ଟଙ୍କା ଏବଂ ଗ୍ୟାରେଣ୍ଟି ଅଟୋ ପ୍ରତିଶ୍ରୁତି ଦେଇଥିବା ରାଇଡ୍-ହେଲିଂ ପ୍ଲାଟଫର୍ମର ଭ୍ରମାତ୍ମକ ବିଜ୍ଞାପନକୁ ଗୁରୁତର ସହ ବିଚାରକୁ ନେଇଛି । ଏକ ବିବୃତ୍ତିରେ ସିସିପିଏ ଏହି ବିଜ୍ଞାପନଗୁଡ଼ିକୁ ମିଥ୍ୟା, ଭ୍ରମାତ୍ମକ ଏବଂ ଗ୍ରାହକମାନଙ୍କ ପ୍ରତି ଅନ୍ୟାୟ ବୋଲି କହିଥିବାବେଳେ ତୁରନ୍ତ ଏହାକୁ ବନ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି ।

# ରେଡ୍ଡୀ-ନୋମିନେସନ

ଇଣ୍ଡିମେଣ୍ଟର ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ଆଜି ସଂସଦ ଭବନରେ ନାମାଙ୍କନ ଦାଖଲ କରିଛନ୍ତି । ଏହି ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ବରିଷ୍ଠ କଂଗ୍ରେସ ନେତା ସୋନିଆ ଗାନ୍ଧୀ, ଏନ୍‌ସିପି-ଏସ୍‌ସିପି ନେତା ଶରଦ ପାୱାର, ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ,

ଡିଏମ୍‌କେ ନେତା ତିରୁଚି ଶିବ ଏବଂ ଟିଏମ୍‌ସି ନେତା ଶତାବ୍ଦୀ ରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବା ପୂର୍ବରୁ ଶ୍ରୀ ରେଡ୍ଡୀ ସଂସଦ ଭବନ ପରିସରରେ ଥିବା ପ୍ରେରଣାସ୍ଥଳରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ନାମାଙ୍କନ ପତ୍ର ଗୁଡ଼ିକର ଯାଞ୍ଚ ଆସନ୍ତାକାଲି ହେବ । ଚଳିତମାସ ୨୫ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର କରାଯାଇପାରିବ । ଉପରାଷ୍ଟ୍ରପତି ନିର୍ବାଚନ ଆସନ୍ତା ସେପ୍ଟେମ୍ବର ମାସ ୯ ତାରିଖରେ ହେବ ବୋଲି ଜଣାପଡିଛି ।

## ଏସ୍‌ସି-କ୍ଷେତ୍ର ଡଗ୍

ବୁଲା କୁକୁରଙ୍କୁ ଧରି ଆଶ୍ରୟସ୍ଥଳୀରେ ରଖିବା ସମ୍ପର୍କିତ ଦିଲ୍ଲୀ ପୌର ନିଗମ ଦ୍ୱାରା ଜାରି ଏକ ବିଜ୍ଞପ୍ତି ବିରୋଧରେ ଆଗତ ମାମଲାରେ ଶୀଘ୍ର ଶୁଣାଣି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ଅଗ୍ରାହ୍ୟ କରିଛନ୍ତି । ବିଚାରପତି ଜଷ୍ଟିସ ଜେ.କେ. ମାହେଶ୍ୱରୀ ଏବଂ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ଆଇନ୍‌ଜୀବୀଙ୍କ ଦ୍ୱାରା ଏ ସଂକ୍ରାନ୍ତରେ ଆବେଦନ କରାଯାଇଥିବାରୁ ଏହି ମାମଲାର ଶୀଘ୍ର ଶୁଣାଣି କରାଯିବ ନାହିଁ ବୋଲି କହିଥିଲେ । ଗତ ୧୪ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ବୁଲା କୁକରୁରଙ୍କୁ ଆଶ୍ରସ୍ଥଳୀରେ ରଖିବା ଘଟଣା ନେଇ ସ୍ଥଗିତାଦେଶ ଜାରି କରିଥିଲେ ମଧ୍ୟ ଦିଲ୍ଲୀ ପୌର

ନିଗମ ଏନେଇ ବିଜ୍ଞପ୍ତି ଜାରି କରିଥିଲା । ପୂର୍ବରୁ ଗତ ୧୧ ତାରିଖରେ ବିଚାରପତି ଜଷ୍ଟିସ ଜେ.ପି. ପାର୍ଦିଓ୍ୱାଲା ଏବଂ ଆର୍. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀରେ ବୁଲା କୁକୁରଙ୍କୁ ଧରି ଆଶ୍ରୟସ୍ଥଳୀରେ ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ ।

## ଫିଜି ପିଏମ୍ ଇଣ୍ଡିଆ ଭିଜିଟ୍

ଫିଜିର ପ୍ରଧାନମନ୍ତ୍ରୀ ସିଟେନି ଲିଗା ମାମଡା ରାବୁକା ଆସନ୍ତା ରବିବାରଠାରୁ ତିନିଦିନିଆ ଭାରତ ଗସ୍ତରେ ଆସିବେ । ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ ତାଙ୍କ ଗସ୍ତ ସମୟରେ ଶ୍ରୀ ରାବୁକା ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଶ୍ରୀ ରାବୁକାଙ୍କ ସହ ଗସ୍ତରେ ଆସିଥିବା ବିଶିଷ୍ଟ ବ୍ୟକ୍ତିଙ୍କ ସମ୍ମାନାର୍ଥେ ମଧ୍ୟାହ୍ନ ଭୋଜନର ଆୟୋଜନ କରିବେ । ଗତବର୍ଷ ଅଗଷ୍ଟ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଫିଜି ଗସ୍ତ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ରାବୁକା ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଫିଜି ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ଭାରତୀୟ ବିଶ୍ୱ ବ୍ୟାପାର ପରିଷଦ ଆଇସିଡବ୍ଲ୍ୟୁଏରେ ଓସନ ଅଫ୍ ପିସ୍ ଶୀର୍ଷକ ଉପରେ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି । ଫିଜି ପ୍ରଧାନମନ୍ତ୍ରୀଙ୍କ ପ୍ରତିନିଧି ମଣ୍ଡଳୀରେ ସ୍ୱାସ୍ଥ୍ୟ

ଏବଂ ଚିକିତ୍ସା ସେବା ମନ୍ତ୍ରୀ ରାତୁ ଆଟୋନିଓ ଲାଲାବାଲାଭୁ ଏବଂ ବରିଷ୍ଠ ଅଧିକାରୀମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ପ୍ରଧାନମନ୍ତ୍ରୀ ରାବୁକାଙ୍କ ଗସ୍ତ ଭାରତ ଏବଂ ଫିଜି ମଧ୍ୟରେ ଦୀର୍ଘସ୍ଥାୟୀ ସମ୍ପର୍କକୁ ସୁଦୃଢ଼ କରିବା ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ ମଧ୍ୟ କରିବ ।

## ଗାଜା-ଇସ୍ରାଏଲ ଡିଫେନ୍ସ ଫୋର୍ସେସ୍

ଇସ୍ରାଏଲର ପ୍ରତିରକ୍ଷାବାହିନୀ ଆଇଡିଏଫ୍ ଘୋଷଣା କରିଛି ଯେ ଗାଜାରେ ଆଇଡିଏଫ୍ ସୈନ୍ୟମାନଙ୍କ ସାମରିକ କାର୍ଯ୍ୟକଳାପ ନବୀକରଣ ପରଠାରୁ ୨ହଜାର ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ପ୍ରାୟ ୧୦ହଜାର ଆତଙ୍କବାଦୀଙ୍କ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରାଯାଇଥିବା ବେଳେ ହମାସ୍ ଉପରେ ଚାପ ବୃଦ୍ଧି କରିବା ପାଇଁ ନିୟନ୍ତ୍ରଣ କରିଡର ପ୍ରତିଷ୍ଠା କରାଯାଇଛି ।

ଏକ ପୋଷ୍ଟରେ ଆଇଡିଏଫ୍ କହିଛି ଯେ ଗାଜାର ପ୍ରାୟ ୭୫ଭାଗରୁ ଅଧିକ ଅଞ୍ଚଳରେ ନିୟନ୍ତ୍ରଣ ରହିଛି । ଯାହାଦ୍ୱାରା ହମାସ୍‌ର କ୍ଷମତା ଏବଂ ଆତଙ୍କବାଦୀ ଭିତ୍ତିଭୂମିକୁ ପ୍ରଭାବିତ କରିଛି । ଏହି କମାଣ୍ଡ ଶୃଙ୍ଖଳାକୁ ହ୍ରାସ କରିବା ସହିତ କାର୍ଯ୍ୟକୁ ବିସ୍ତାର କରିବା ପାଇଁ ୫ଟି ଆଇଡିଏଫ୍ ଡିଭିଜନକୁ ସଂଲଗ୍ନ କରିଛି ।

# ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ

ତ୍ରିବେଣୀ ରାୟଙ୍କର ପ୍ରଥମ ଫିଚର ସିନେମା 'ସେପ୍ ଅଫ୍ ମେମୋ' ଏସିଆର ସର୍ବବୃହତ୍ ଏବଂ ସବୁଠାରୁ ପ୍ରତିଷ୍ଠିତ ଚଳଚ୍ଚିତ୍ର ମହୋତ୍ସବ ବୁଶାନ ଇଣ୍ଟରନ୍ୟାସନାଲ ଚଳଚ୍ଚିତ୍ର ମହୋତ୍ସବ-ବିଆଇଏଫ୍ଏଫ୍ ୨୦୨୫ ପାଇଁ ଆନୁଷ୍ଠାନିକ ଭାବେ ମନୋନୀତ ହୋଇଛି । ଦକ୍ଷିଣ କୋରିଆର ବୁଶାନଠାରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ବିଆଇଏଫ୍ଏଫ୍ ନୂତନ ସୃଜନଶୀଳତା ଆବିଷ୍କାର ଏବଂ ଏସୀୟ ଚଳଚ୍ଚିତ୍ରକୁ ବିଶ୍ୱ ସହିତ ସଂଯୋଗ କରିବା ପାଇଁ ପ୍ରସିଦ୍ଧ ଅଟେ । ଏହାର ଭିଜନ ସେକ୍ସନ ସ୍ୱାଧୀନ ଏସୀୟ ସିନେମାର ପ୍ରତିଶ୍ରୁତିପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ବିଶେଷଭାବରେ ପ୍ରଦର୍ଶନ କରେ । ଏହି ଚୟନରେ ଏସିଆର ସବୁଠାରୁ ରୋମାଞ୍ଚକର ସମସାମୟିକ ଚଳଚ୍ଚିତ୍ର ସହିତ ସେପ୍ ଅଫ୍ ମେମୋ ମଧ୍ୟ ସ୍ଥାନିତ ହୋଇଛି । ଏହି ଚଳଚ୍ଚିତ୍ରଟି ଆସନ୍ତା ସେପ୍ଟେମ୍ବର ମାସରେ ସାନ୍ ସେବାଷ୍ଟିଆନ୍ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପ୍ରଦର୍ଶିତ ହେବ ।

ଏବେ ଶୁଣନ୍ତୁ ଖେଳ ଖବର...

# ହକି

ଜଲନ୍ଧରରେ ଅନୁଷ୍ଠିତ ପଞ୍ଚଦଶ ହକି ଇଣ୍ଡିଆ ଜୁନିୟର୍ ପୁରୁଷ ଜାତୀୟ ଚାମ୍ପିୟନ୍‌ସିପ୍‌ର ସେମିଫାଇନାଲ୍‌ରେ ହରିଆଣା, ଓଡ଼ିଶା, ଉତ୍ତରପ୍ରଦେଶ ଏବଂ ପଞ୍ଜାବ କ୍ୱାର୍ଟର୍ ଫାଇନାଲ୍‌ରେ ବିଜୟ ଲାଭ କରି ସେମିଫାଇନାଲ୍‌କୁ ଉନ୍ନିତ ହୋଇଛନ୍ତି । ହରିଆଣା ୩-୨ ଗୋଲ୍‌ରେ

କର୍ଣ୍ଣାଟକକୁ ପରାସ୍ତ କରିଥିବା ବେଳେ ଉତ୍ତରପ୍ରଦେଶ' ମଧ୍ୟପ୍ରଦେଶକୁ ୨-୧ ଗୋଲ୍, ଓଡ଼ିଶା' ମଣିପୁରକୁ ୯-୦ ଗୋଲ୍ ଓ ପଞ୍ଜାବ ଝାଡ଼ଖଣ୍ଡକୁ ୪-୧ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ଅନ୍ୟ ପକ୍ଷରେ ହକି ଇଣ୍ଡିଆ ଆଗାମୀ ପୁରୁଷ ଏସିଆ କପ୍ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରିଛି । ଆସନ୍ତା ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବିହାରର ରାଜଗିରିରେ ଏସିଆକପ୍ ଅନୁଷ୍ଠିତ ହେବ । ପୁଲ୍-ଏରେ ଭାରତ, ଜାପାନ୍, ଚୀନ୍ ଓ କାଜାଖସ୍ତାନ ରହିଥିବା ବେଳେ ପୁଲ୍-ବିରେ ବାଂଲାଦେଶ, ଚାଇନିଜ୍ ଚାଇପେଇ, ମାଲେସିଆ ଓ ଦକ୍ଷିଣ କୋରିଆ ରହିଛନ୍ତି । ହରମନ୍‌ପ୍ରୀତ ସିଂହ ଭାରତୀୟ ହକି ଦଳର ନେତୃତ୍ୱ ନେବେ । ଭାରତ ଅଗଷ୍ଟ ୨୯ରେ ଚୀନ୍, ଅଗଷ୍ଟ ୩୧ରେ ଜାପାନ୍ ଓ ସେପ୍ଟେମ୍ବର ୧ ତାରିଖରେ କାଜାଖସ୍ତାନ ବିପକ୍ଷରେ ଖେଳିବ ।

ଏସିଆ କପ୍ ପାଇଁ ଘୋଷିତ ଭାରତୀୟ ମହିଳା ହକି ଦଳର ଅଧିନାୟକ ଭାବେ ସାଲିମା ଟେଟେ ଦାୟିତ୍ୱ ତୁଲାଇବେ । ଆସନ୍ତା ମାସ ୫ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ହାନ୍‌ଜୋଉଠାରେ ମହିଳା ଏସୀଆ କପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏଥିପାଇଁ ଭାରତୀୟ ହକି ଫେଡେରେସନ ୨୦ଜଣିଆ ମହିଳା ହକି ଦଳ ଘୋଷଣା କରିଛି ।

## ଯୁ୨୦ ରେସଲିଂ

ବୁଲଗେରିଆରେ ଅନୁଷ୍ଠିତ ୨୦ ବର୍ଷରୁ କମ ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ୨୦୨୫ରେ ଭାରତୀୟ କୁସ୍ତିଯୋଦ୍ଧା ତପସ୍ୟା ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ମହିଳା ୫୭ କିଲୋଗ୍ରାମ ବର୍ଗର ଫାଇନାଲରେ ନରୱେର ଫେଲିସିଟାସ୍ ଡୋମାଜେଭାଙ୍କୁ ୫-୨ରେ ପରାସ୍ତ କରିଛନ୍ତି। ଲିଗ ମ୍ୟାଚରେ ତପସ୍ୟା ଡୋଲଝୋନ୍ ସିଙ୍ଗେଭାଙ୍କୁ ୬-୦ରେ, କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ରୋମାଇସା ଏଲ୍ ଖାରୋବିଙ୍କୁ ୯-୦, ସେମିଫାଇନାଲରେ ଜାପାନର ସୋୱାକା ଉଚିଡାଙ୍କୁ ୪-୩ରେ ପରସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲେ।

ମହିଳା ୬୮ କିଲୋଗ୍ରାମ ବର୍ଗରେ, ଭାରତର ସୃଷ୍ଟି' ଫାଇନାଲରେ ଜାପାନରରେ ହୋଶିନୋଙ୍କଠାରୁ ୦-୭ରେ ପରାସ୍ତ ହେବା ପରେ ରୌପ୍ୟ ପଦକ ଜିତିଥିଲେ। ସୃଷ୍ଟି ସେମିଫାଇନାଲରେ ଜର୍ମାନୀର ଲୌରା କୋହେଲରଙ୍କୁ ୭-୩ରେ ପରାସ୍ତ କରିଥିଲେ।

ପ୍ରିୟା ମହିଳା ୭୬ କିଲୋଗ୍ରାମ ସେମିଫାଇନାଲରେ ସର୍ବିଆର ଏଭେଲିନ୍ ଉଝେଲଜିଙ୍କୁ ୧୦-୦ରେ ପରାସ୍ତ କରିବା ବେଳେ ରୀନା ୫୫ କିଲୋଗ୍ରାମ ବର୍ଗରେ ରୋମାନିଆର ଭୋଇକୁଲେସ୍କୁଙ୍କୁ ୧୧-୧ରେ ପରାସ୍ତ କରିଥିଲେ।

ପୁରୁଷ ବର୍ଗରେ, ୫୭ କିଲୋଗ୍ରାମ ବର୍ଗରେ ସୁମିତ ମଲିକ' ରୁଷିଆର ମାଗୋମେଡ୍'ଙ୍କ ଠାରୁ ୫-୮ରେ ପରାସ୍ତ ହେବା ପରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏର୍ଯ୍ୟନ୍ତ, ଭାରତୀୟ ମଲ୍ଲଯୋଦ୍ଧାମାନେ ୨୦ ବର୍ଷରୁ

କମ ବିଶ୍ୱ କୁସ୍ତି ଚାମ୍ପିଅନସିପ୍ ୨୦୨୫ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ସମେତ ତିନୋଟି ପଦକ ଜିତିଛନ୍ତି।